

୧୯ ବର୍ଷ ● ୩ୟ ସଂଖ୍ୟା ● ସେପ୍ଟେମ୍ବର ୨୦୧୮

**ବାତାୟନ:** ଦୁଇ ଭିନ୍ନ ପଥର ପଥିକ
**ସ୍ୱତନ୍ତ୍ର ଆଲେଖ୍ୟ:** ଦେବଦାସ, ଦେଶ ସହିତ ପାଦେପାଦେ
**ବିଶେଷ ପ୍ରସଙ୍ଗ:** ହୃଦୟଗାଥା
**କାଳଜୟୀ:** ଅନନ୍ତ ପଟ୍ଟନାୟକ
**ସାହିତ୍ୟ :** ୬ଟି ମନନଶୀଳ ଗଳ୍ପ, ୫ଟି କବିତା
**ଭ୍ରମଣ କାହାଣୀ :** ମୋ ୱର୍କାରୁ ପୃଥିବୀ
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ସ୍ୱତନ୍ତ୍ର ଆଲେଖ୍ୟ : ଦେବଦାସ

### ଲେଖକ : ଦେବଦାସ ଛୋଟରାୟ

'ଦେବଦାସ'ର କାହାଣୀ କିଏ ନ ଜାଣିଚି ? ହେଲେ ଏ ବଡ଼ ସୁଖର କାହାଣୀ ନୁହେଁ। ପାର୍ବତୀ, ଚନ୍ଦ୍ରମୁଖୀ ଆଉ ଦେବଦାସର ମନୋବେଦନାରେ ବିଷଣ୍ଣ ଏଇ କାହାଣୀ ଆଜିପର୍ଯ୍ୟନ୍ତ କେତେ ଯେ ଲୋକଙ୍କର ଆଖିପତା ଓଦାକରି ଚାଲିଚି, ତା'ର ହିସାବ ନାହିଁ। ତାଙ୍କ ଭିତରେ ଦେବଦାସର ପରିଣତି ସବୁଠୁ କରୁଣ। ତା'ର ହତଭାଗ୍ୟ ଜୀବନ ପାଇଁ କେବଳ ଦୁଃଖ କରି ହେବ ସିନା, କାହାକୁ ଦୋଷ ଦେଇହେବନି। ପ୍ରାୟ ଶହେବର୍ଷ ତଳେ 'ଦେବଦାସ' ଲେଖା ହୋଇଥିଲା, ପ୍ରାୟ ଶହେ ପୃଷ୍ଠାରୁ କମ୍ ଏକ ନଭେଲ୍ ହିସାବରେ, ଆମ ପଡ଼ୋଶୀ ଭାଷା ବଙ୍ଗଳାରେ। 'ଦେବଦାସ' ଲେଖିଲା ବେଳକୁ ଲେଖକ ଶରତ ଚାଟାର୍ଜୀଙ୍କ ବୟସ ମାତ୍ର ସତର ବର୍ଷ। କିନ୍ତୁ ବିଂଶ ଶତାବ୍ଦୀର ଭାରତୀୟ ସାହିତ୍ୟରେ ଏହାର ପ୍ରଭାବର ସମକକ୍ଷ କୌଣସି ଟ୍ରାଜେଡ଼ି ନାହିଁ। ଯେମିତି ମଧ୍ୟଯୁଗୀୟ ଟ୍ରାଜେଡ଼ି Tristan and Isoldeର ଗଳ୍ପ ଗତ ଶହେବର୍ଷ ଭିତରେ ୟୁରୋପୀୟ ସାହିତ୍ୟ ଓ ଚିତ୍ରକଳାରେ ବାରମ୍ବାର ପ୍ରକଟ ହେଇଚି, ସେମିତି 'ଦେବଦାସ'ର ଉପନ୍ୟାସ ଆଉ ସିନେମା ଭାରତରେ ଉପାସନାର ବିଷୟ ପାଲଟି ଯାଇଚି। ବିଭିନ୍ନ ଭାରତୀୟ ଭାଷାରେ 'ଦେବଦାସ'ର ଚିତ୍ରଗ୍ରହଣ ପ୍ରାୟ ପନ୍ଦରଥରରୁ ବେଶୀ ହୋଇସାରିଲାଣି। 'ବାଇବେଲ' ବି ଏତେଥର ସିନେମା ହେଇଥିବ କି ନା' ସନ୍ଦେହ ! କେବଳ ବହିଟିର ଗଦ୍ୟାନୁବାଦ ଛଡ଼ା ଆମ ପଡ଼ୋଶୀ ରାଜ୍ୟରେ ତିଆରି ହେଇଥିବା ଏତେବଡ଼ କୃତିର ସମ୍ପ୍ରସାରଣ ଆମେ ଓଡ଼ିଆରେ କରିନୁ। ସେଇଥିପାଇଁ ଆଜି ବଡ଼ ଆଗ୍ରହରେ ସେଇ 'ଦେବଦାସ'ର କାହାଣୀ ଏକ ଗୀତର ଶୃଙ୍ଖଳାକୁ ମାଧ୍ୟମ କରି ଆମେ କହିବାକୁ ଯାଉଚୁ। ଏଥିପାଇଁ ଆମେ ମୁଖ୍ୟସ୍ରୋତ ହିସାବରେ ନେଇଚୁ, ୧୯୫୫ ମସିହାରେ ତିଆରି ବିମଲ ରାୟଙ୍କ ଚିତ୍ରନାଟ୍ୟ ଓ ଗୀତର ଢାଞ୍ଚାକୁ। ପଢ଼ନ୍ତୁ ତା'ହେଲେ।

## ସ୍ୱତନ୍ତ୍ର ଆଲେଖ୍ୟ : ଦେଶ ସହିତ ପାଦେପାଦେ

### ଲେଖକ : ସାତକଡ଼ି ହୋତା

ମଣିଷ ଜନ୍ମ ହେବାକ୍ଷଣି କାନ୍ଦେ, ପରିବାରର ପ୍ରିୟମାନେ ହସନ୍ତି। କାହିଁକି ? ଏ ବିଷୟ ଜାଣିବାପାଇଁ କାହିଁକି ଇଚ୍ଛାହୁଏ, କାହିଁକି ସମସ୍ତଙ୍କୁ ଛାଡ଼ି ମା' କୋଳ ତାକୁ ଭଲ ଲାଗେ ? ମା'ର ଛାତି ତଳେ ମୁହଁ ଜାକି କ୍ଷୀର ଶୋଷିବାପାଇଁ ପାଗଳ ହୁଏ ଶିଶୁ। ଶାସ୍ତ୍ରରେ କୁହାଯାଇଛି ଯେ, ୮୪ହଜାର ଯୋନିରେ ଜନ୍ମିବା ପରେ ପ୍ରାଣୀଟିଏ ଜନ୍ମ ନିଏ ମଣିଷ ଶିଶୁ ରୂପରେ। କ'ଣ ପୁଣ୍ୟପାଇଁ, ପ୍ରାରବ୍ଧ ପରିଶୋଧ କରିବାପାଇଁ, ନା' ଅନ୍ୟ କିଛି ପାଇଁ ସେ ଜନ୍ମ ହୁଏ ତାହା ବିଜ୍ଞାନ ଆବିଷ୍କାର କରିନାହିଁ।

## ବିଶେଷ ପ୍ରସଙ୍ଗ : ହୃଦୟଗାଥା

"ହୃଦୟ ଥିଲେ ସବୁ ସାର, ହୃଦୟ ନଥିଲେ ସବୁ ଅସାର।" ସତରେ ହୃଦୟ ଥରେ ବିଗିଡ଼ିଗଲେ, ଭାଙ୍ଗିଗଲେ, ଥକିପଡ଼ିଲେ ଅବା ଛନ୍ଦହରା ହେଲେ ଜୀବନ ଧରି ବଞ୍ଚିବା କଷ୍ଟକର ହୋଇପଡ଼େ। ପ୍ରେମ ବ୍ୟାପାର ହେଉ ଅବା ସ୍ୱାସ୍ଥ୍ୟଗତ କଥା; ହୃଦୟ ଭାଙ୍ଗିଯିବାର ବେଦନା କେବଳ ଅନୁଭବୀ ହିଁ ଜାଣେ। ଆଉ ଅସଜଡ଼ା ହୃଦୟକୁ ସଜାଡ଼ିବା ବି ଏତେ ସହଜ ନୁହେଁ। ତେଣୁ ନିଜ ହୃଦୟର କଥାକୁ ଜାଣି ନିରନ୍ତର ତା'ର ଭଲମନ୍ଦ ନିଜେ ବୁଝିବା ଉଚିତ। ସେଥିରେ ଛନ୍ଦ ଭରିବା ଆବଶ୍ୟକ। ତେବେଯାଇ ହୃଦୟ ଭଲ ରହିବ, ଜୀବନ ମଧୁମୟ ପାଲଟିବ। ନିଜ ହୃଦୟକୁ ଜାଣିବା, ବୁଝିବା, ସୁସ୍ଥ ରଖିବା ସମ୍ପର୍କରେ ସଚେତନ ରହିବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୯ ତାରିଖରେ ପାଳନ କରାଯାଉଛି 'ବିଶ୍ୱ ହୃଦୟ ଦିବସ'। ଏହି ଅବସରରେ 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ପାଇଁ ହୃଦୟକୁ ନେଇ ହୃଦୟଭରା ପ୍ରତିବେଦନ 'ହୃଦୟଗାଥା'। ଉପସ୍ଥାପନା: କେଦାର ପୃଷ୍ଟି

## କାଳଜୟୀ :

'କାଦମ୍ବିନୀ'ର ଚଳିତ ସଂଖ୍ୟାର 'କାଳଜୟୀ' ପୃଷ୍ଠାରେ ସ୍ଥାନିତ କରୁଛୁ ନମସ୍ୟ ସ୍ରଷ୍ଟା କବି ଅନନ୍ତ ପଟ୍ଟନାୟକଙ୍କର ଏକ ଅମଳିନ ଓ ଦର୍ପିତ ସୃଷ୍ଟି କବିତା 'ସର୍ବହରା'। ସର୍ବହରା ଶ୍ରମିକମାନଙ୍କର ବିଳାପରେ ବିଳାପି ଉଠିଛି ଏହି କବିତାର ଅନ୍ତଃସାର। ଆମେ ସର୍ବହରା, ଆମେ ଶ୍ରମିକ, ଆମେ କୃଷକ। ଆମରି ଅନ୍ନରେ ଏ ବିଶ୍ୱ ପ୍ରତିପାଳିତ କିନ୍ତୁ ଆଜି ଆମେ ଶୋଷିତ, ଆମ ଅଧିକାର ଅବହେଳିତ ଆମ ଅଭିଳାଷ ମୂଲ୍ୟହୀନ। ହେଲେ ଆଉ ନୁହେଁ, ଏବେ ସମୟ ଆସିଛି ଆମ ସ୍ୱରରେ ଆମେ ଗାଇବୁ, ଆମ ଛନ୍ଦରେ ଆମେ ନାଚିବୁ, ଆମ ମର୍ଜିରେ ଆମେ ଜିଇବୁ, ଆମ ହକ୍‌କୁ

ଆମେ ଛଡ଼େଇ ଆଣିବୁ ! ରକ୍ତପାତ ହୋଇଯାଉ ପଛେ। ବିଶ୍ୱର ସମଗ୍ର ଶୋଷିତ ସମାଜର ସ୍ନାୟୁରେ ସ୍ନାୟୁରେ ପ୍ରତିବାଦର ଆହ୍ୱାନକୁ ଉତ୍‌ଥିତ କରୁଥିବା ଏହି କାଳଜୟୀ କବିତା 'ସର୍ବହରା'କୁ ଚଳିତ ସଂଖ୍ୟାରେ ଆମେ ପାଠକମାନଙ୍କ ସମ୍ମୁଖରେ ପରଷି ଦଉଛୁ। ଏହାକୁ ଆଲୋଚନା କରିଛନ୍ତି ଆମ ସମୟର ବିଶିଷ୍ଟ କବି ତଥା ବର୍ତ୍ତମାନ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ହରିହର ମିଶ୍ର।

## କାଳଜୟୀ: କବି ଅନନ୍ତ ପଟ୍ଟନାୟକ ଓ 'ସର୍ବହରା' କବିତା

**ଲେଖକ : ହରିହର ମିଶ୍ର**

'ସର୍ବହରା' କବିତାଟି ତାଙ୍କ 'ରକ୍ତଶିଖା' ସଂକଳନରେ ସ୍ଥାନିତ ହୋଇଥିଲା ଏବଂ ତତ୍କାଳିନ ଶାସନକଳରେ ହୃତ୍‌କମ୍ପ ସୃଜିଥିଲା। ଗାଁ ମଶାଣିରୁ ଫୁଲଗୁଣା ଓ ନାକଚଣା ପାଇଥିବା ପାଣିଗ୍ରାହୀ ଭଗବତୀଚରଣ ତାକୁ ଅଢ଼େଇ ଟଙ୍କାରେ ବିକି ଆଉ କିଛି ଘରୁ ଆଣି ଚାନ୍ଦାଭେଦା କରି ନବଯୁଗ ସାହିତ୍ୟ ସଂସଦ ଗଢ଼ିଲେ ଓ 'ଆଧୁନିକ' ପ୍ରକାଶ ପାଇଲା। ନବକୃଷ୍ଣ ଚୌଧୁରୀ ନୂଆ ଜୀବନର ମଶାଲ ଧରିଥିଲେ, କିନ୍ତୁ ଭଗବତୀ ଜାଣିପାରିଥିଲେ ସେ ଦିନେ 'ସୁଧାରବାଦୀ' ପାଲଟିବେ। ୧୯୩୫ ବେଳକୁ ମହତାବ, ନୀଳକଣ୍ଠଙ୍କ ସାଙ୍ଗେ ମିଶୁଥାଆନ୍ତି। ତଳେଇ ରଖୁଥାନ୍ତି ସାମ୍ୟବାଦୀ ଦଳଭୁକ୍ତ ପ୍ରଗତିବାଦୀ କବି ଗୋଷ୍ଠୀଙ୍କୁ। ଉଭୟ ଭଗବତୀ ଓ ନବବାବୁ କଂଗ୍ରେସ ସାମ୍ୟବାଦୀ ଗୋଷ୍ଠୀରେ ଥାଆନ୍ତି। ପରେ ୧୯୩୬ରେ ସର୍ବଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ ସ୍ୱୀକୃତି ଲାଭ କଲେ ଭଗବତୀ, ପ୍ରାଣନାଥ, ବୈଦ୍ୟନାଥ ଓ ଅନନ୍ତ ପଟ୍ଟନାୟକ।

## କାଳଜୟୀ: ସର୍ବହରା

**ଲେଖକ : ଅନନ୍ତ ପଟ୍ଟନାୟକ**

ଜୀବନ ଧରି ହେ, ଢାଳିଲୁ ରକ୍ତ
ତୋଳିଲୁ ସଉଧମାଳା
ଆମରି ଲାଗିରେ ଶାସନ ଶକ୍ତ
ଆମେଇ ସର୍ବହରା।
ଝଞ୍ଜି ପବନ ସହିରେ ସଘନ
ଗହିରେ ରୋଇଲୁ ଧାନ
ବରଷା କାଦୁଅ ଚକଟି କେତେରେ
ଖିନ୍ନ କରିଲୁ ପ୍ରାଣ।

## କବିତା

ଏଥର କବିତାରେ ରହିଛି: ଅମରେନ୍ଦ୍ର ଖଟୁଆଙ୍କ 'ଏଇ ଅପେକ୍ଷାରେ', ଅକ୍ଷୟ ପାତ୍ରଙ୍କ 'ଦଧୀଚି', ପ୍ରବୋଧ ରାଉତଙ୍କ 'ବଢ଼େଇଛି ପାଦ', ସରୋଜିନୀ ମିଶ୍ରଙ୍କ 'ରାସ୍ତା' ଏବଂ ନରେଶ ମଣ୍ଡଳଙ୍କ 'ପତ୍ନୀ'।

## ଗଳ୍ପ : ଏକ ମଣିଷ ସମ୍ପର୍କରେ

**ଲେଖକ: ପ୍ରଦୋଷ ମିଶ୍ର**

ବୋକା। ନିହାତି ବୋକା ତୁ। କେହି ଭାବିପାରେ ଝିଅକୁ ରଖିବାରେ ଆମର ଅନ୍ୟକିଛି ଉଦ୍ଦେଶ୍ୟ ଥାଇପାରେ। ଆମର ସନ୍ତାନ ହେଲେ ତାକୁ ଅବହେଳା କରିପାରୁ। ଖାଲି କାଗଜପତ୍ରରେ ଲେଖିଦେଲେ ହୁଏନି। ଅସଲ କାମ କରି ଆମେ ଦେଖାଇଦେଲୁ। ଆଉ କିଛି ଦ୍ୱନ୍ଦ୍ୱ ନଥିବ, ଆଶଂକା ନଥିବ।

## ଗଳ୍ପ : ପେନ୍‌ସିଲ୍

**ଲେଖକ: ପ୍ରକାଶ କୁମାର ପରିଡ଼ା**

ମୁଁ କହିଲି - ତମ ଜିନ୍ଦେଗୀରେ କିଏ କେବେ କଲମ ଦେଖିଛ ? ସେଇଟା ମୋ କଲମ। ତମେ ପାଇଥିଲ, ମୁଁ ମାଗିଥିଲି ଦେଇନଥିଲ, ହଁ ମୁଁ ସେଇଟା ନେଇ ଆସିଚି। ସେଇଟା ମୋର ସମସ୍ତେ ଜାଣିଛନ୍ତି।

## ଗଳ୍ପ: ରାଗକଲ୍ୟାଣ

**ଲେଖିକା : ବିଜନବାଳା ପାଟଯୋଷୀ**

ଝିଅ ବାହାଘର ସତରେ ଗୋଟେ ଦାୟିତ୍ୱ। ସବୁ କିଛି ଠିକ୍‌ଠାକ୍ ଚାଲିଥିବା ସତ୍ତ୍ୱେ ଉମେଶଙ୍କୁ ଲାଗୁଥିଲା ଭିତରୁ କିଛି ଦୋହଲି ଯାଉଛି ତାଙ୍କର। ଏକମାତ୍ର ଝିଅର ଘରସଂସାର ବସିବାକୁ ଯାଉଚି, ସେପାଇଁ ବ୍ୟସ୍ତତା କି ଏବେ ତାଙ୍କ ସଂସାର ଶୂନ୍ୟ ହେଇଯିବ, ସେ ବ୍ୟାକୁଳତା ? ଏତେଦିନ ପରେ ପୁଅଟିଏର ଅଭାବ ଯେମିତି ବାରି ପାରୁଥିଲେ ଉମେଶ। ଏତେସବୁ ଆୟୋଜନ ପରେ ସେ ହୁଏତ ଠିଆ ହେଇଥାନ୍ତା ତାଙ୍କ କାନ୍ଧକୁ କାନ୍ଧ ମିଶେଇ !

**ଗଳ୍ପ : ନିଷ୍ପତ୍ତି**

**ଲେଖିକା : ଲିପିକା ମହାପାତ୍ର**

ବାପାଙ୍କ କାର୍ଯ୍ୟକଳାପ ଟିକନ୍‌କୁ ଅଜଣା ନୁହେଁ। ହେଲେ ମା'ଙ୍କ ଅଭିଯୋଗରେ ବାପାଙ୍କ ରାଜନୈତିକ ଜୀବନରେ ଦାଗ ଲାଗିଯିବ। ମନ୍ତ୍ରୀପଦ ବି ଚାଲିଯାଇପାରେ। ବବ୍‌ଲୁ ଓ ତା' ଜୀବନର ସମସ୍ତ ସଫଳତାର ଚାବିକାଠି ହେଉଛି ବାପାଙ୍କର ମନ୍ତ୍ରୀ ପଦ। ଆଗକୁ ସ୍ୱପ୍ନ ସବୁ ସହଜରେ ଧରିବା ଅସମ୍ଭବ ହେଇଯିବ।

**ଗଳ୍ପ : ଭୟ**

**ଲେଖକ : ସାରଦା ମିଶ୍ର**

ବାରମ୍ବାର ସମସ୍ତଙ୍କ ପ୍ରଶ୍ନବାଣରେ ଲହୁଲୁହାଣ ହୋଇଛନ୍ତି, ଉତ୍ତର ଦେଇଦେଇ ଥକି ଯାଇଛନ୍ତି। ଗୌତମକୁ ବହୁ କଷ୍ଟରେ ବୁଝାଇଛନ୍ତି। ତା' ପିଲାମନରେ ନିଜ ପାଇଁ ଦୃଢ଼ ବିଶ୍ୱାସ ଜଗାଇଛନ୍ତି। ବେଳେବେଳେ ସୁନନ୍ଦା ଭାବନ୍ତି ବରଂ ସୌରଭ ମରିଯାଇଥିଲେ ଭଲ ହୋଇଥାନ୍ତା। ତା'ହେଲେ ତାଙ୍କୁ ମଧ୍ୟ ନିଜ ସହ ଏତେ ସଂଘର୍ଷ କରିବାକୁ ପଡ଼ିନଥାନ୍ତା।

**ଗଳ୍ପ : ଭିନ୍ନ ଏକ କର୍ଣ୍ଣ**

**ଲେଖକ : ସିଦ୍ଧିପ୍ରସାଦ ସାହୁ**

ସେଦିନ ଘରକୁ ଫେରି ସୂର୍ଯ୍ୟାଂଶୁବାବୁ ମଧ୍ୟାହ୍ନ ଭୋଜନ ସମୟରେ ମା'ଙ୍କୁ କହିଲେ, "ମା' ଆମ ଡାକ୍ତରଖାନାରେ ଜଣେ ରୋଗୀଙ୍କର କେହି ନାହିଁ, ସେ ଯେତେଦିନ ବେଡ୍‌ରେ ରହିବେ ଆସନ୍ତାକାଲିଠାରୁ ତାଙ୍କ ପାଇଁ ରୁଟି ଓ ଡାଲମାର ବ୍ୟବସ୍ଥା କରିଦେବୁ।" ଏକଥା ଶୁଣୁଶୁଣୁ ମା' କୁନ୍ତୀ ଦେବୀ ଆଗପଛ ବିଚାର ନ କରି ହଁ ଭରିଦେଲେ। କୁନ୍ତୀ ଦେବୀ ଜାଣନ୍ତି ଦୁଃଖ କ'ଣ ? କ୍ଷୁଧା କ'ଣ ? ସେ ହିଁ ମେହେନତ କରି ଡାକ୍ତରୀ ପାଠ ପଢ଼ାଇଛନ୍ତି ପୁଅକୁ। ପ୍ରତ୍ୟେକ ଦିନ ଦଶ/ବାର ଘର ବାବୁଙ୍କ ଘରେ ବାସନ ମାଜିଛନ୍ତି, ପାଳଟା ଧୋଇଛନ୍ତି ଓ ଘର ସଫା କରିଛନ୍ତି। ସେହି ଅର୍ଥରେ ପେଟରେ ଓଦାକନା ଦେଇ ପୁଅକୁ ଡାକ୍ତରୀ ପାଠ ପଢ଼ାଇଛନ୍ତି।

**ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ଅନ୍ତିମ ଭାଗ)**

**ଲେଖକ : ରାମଚନ୍ଦ୍ର ବେହେରା**

ପ୍ରସନ୍ନ କହୁଚି। ପ୍ରଭାତ ପ୍ରଥମ ପଦକ୍ଷେପ ପାଇଁ ପ୍ରସ୍ତୁତ ହେଲେ। ଫେରିବେ। ଏଥର ସେ ବିକଳ ହେଲେ କିନ୍ତୁ ବିସ୍ମିତ ହେଲେ ନାଇଁ, ସ୍ପଷ୍ଟ ଥିଲା ବୁଲୁର ସମ୍ବୋଧନ, ଭାଇ।

**ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (୧୫ ଭାଗ)**

**ଲେଖିକା : ସୁସ୍ମିତା ବାଗ୍‌ଚୀ**

ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା

**ପୁସ୍ତକ ପରିକ୍ରମା**

ଏଥର ପୁସ୍ତକ ପରିକ୍ରମାରେ ଅଛି: ସହଭାଗ, ଶବ୍ଦ ସରସ୍ୱତୀ, ଅସରା ଆଲେଖ୍ୟ, ଶବବାହିକା, ଚିନ୍ମୟ ସ୍ୱାକ୍ଷର, ଡାଏରୀରୁ ଗୋଟିଏ ପୃଷ୍ଠା, ପ୍ରତିବଦ୍ଧ, ବିଭକ୍ତ ସମୟର ସ୍ୱର ଏବଂ  ପ୍ରିୟତମ ଶୀତଦିନ ଖରା।

**ଚଳନ୍ତିକା**

ଏ ମାସରେ ଚଳନ୍ତିକା ପୃଷ୍ଠାରେ ରହିଛି: ଚିନ୍ତା ଓ ଚେତନାର ବର୍ଷା ମହୋତ୍ସବ, ତୁମରି ସ୍ମୃତିରେ..., ମ୍ୟୁଜିକ୍ ସର୍କଲ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ, ବନ୍ଦେ ମାତରମ୍, ମେଘ ଉତ୍ସବ ଏବଂ ଇନର ହୁଇଲ୍ କ୍ଲବର ଅଧିଷ୍ଠାନ ଉତ୍ସବ।

**ମନୋରଞ୍ଜନ**

ବ୍ଲାକମେଲ୍, ତୁ ମୋ ଡ୍ରିମ୍‌ଗାର୍ଲ,  ଲଭ୍ ଏକ୍ସପ୍ରେସ, ତୁ ମୋର ନିହାତି ଦରକାର, ଗ୍ରେସୀଙ୍କୁ ହେମାଙ୍କ ପ୍ରଶଂସା ଏବଂ 'ବଙ୍ଗବନ୍ଧୁ' ବାୟୋପିକ୍।

## ରାଶିଗଣନା ଓ ତିଥି-ବାର-ବେଳା

ସେପ୍ଟେମ୍ବର ମାସର ରାଶିଫଳ ସାଙ୍ଗକୁ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ବେସନ ଢୋକଲା, ଅମୃତଭଣ୍ଡା ପରଟା, ପୋସ୍ତ ଛତୁ, ଶୁନଶୁନିଆ ଶାଗ ମୁଗ, ଚିଙ୍ଗୁଡ଼ି ମସଲା ଏବଂ ଚିଙ୍ଗୁଡ଼ି ମସଲା ତରକାରି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ସନ୍ଧିବାତ

ସନ୍ଧିବାତ ବା ଗଣ୍ଠିବାତ ଏକ ଜଟିଳ ସମସ୍ୟା। ବୟସାଧିକରେ ଏହି ସମସ୍ୟା ବେଶୀ ଦେଖାଯାଏ। ଦୁଇଟି ହାଡ଼ର ମିଳନରେ ଥିବା ଗଣ୍ଠିରେ ଏକ ପ୍ରକାରର ଅର୍ଦ୍ଧତରଳ ପଦାର୍ଥ ଥାଏ ଯାହା ଗଣ୍ଠିକୁ କ୍ରିୟାଶୀଳତା କରିଥାଏ। ଯଦି କୌଣସି କାରଣରୁ ଏହି ତରଳ ପଦାର୍ଥ ଶୁଖିଯାଏ, ତେବେ ଆଣ୍ଠୁ ଗଣ୍ଠିରେ କଷ୍ଟ ହୋଇଥାଏ। ଏହାକୁ ସନ୍ଧିବାତ ବା ଗଣ୍ଠିବାତ କୁହାଯାଏ। ତେବେ ଠିକ୍‌ସମୟରେ ଏହାର ଉପଚାର ନ କଲେ ଏହା କଷ୍ଟକୁ ଅଧିକ ବଢ଼ାଇ ଦେଇଥାଏ।

■■■